ଶ୍ରୀସେବକ କବିରତ୍ନଙ୍କ ରଚିତ

ଶ୍ରୀଲଡୁବାବାଙ୍କ ଜଣାଣ

ଓ

ଶ୍ରୀ ରଘୁନାଥଙ୍କ ଜଣାଣ ।

ଶ୍ରୀବଳରାମ ଦାସଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ ।



PRINTER S. N. MOHAMMAD
The Lakshmi Narayan Press,
Cuttack,
1930.

ମୂଲ୍ୟ ୦ [illegible] / ଦୁଇପଇସା ମାତ୍ର

ଶ୍ରୀ ଶ୍ରୀ ଲଡ଼ୁବାବାଙ୍କ ଜଣାଣ



କେଉଁ କରମସ୍ଥାନ କରଇ ଜଣାଣ ବୃଷଭ ପଛରେ ରହି ।
କରପଦ ଯୋଡ଼ି ପଦ୍ମପାଦେ ପଡ଼ି ଲଡ଼ୁକେଶ୍ୱରଙ୍କୁ ଚାହିଁ ।
ବାବା ସୁଦୟା କର ।
ରକ୍ଷା କର [illegible]ତ ଗଙ୍ଗାଧର । ୧ ।
ଯେବେ ମୋ ଗୁହାରି ପ୍ର[illegible] ଏପ୍ରଭୁଙ୍କର କ୍ଷଣେ ବିଳମ୍ବ ନ କର ।
ଖବରେ କଇରବ ପ୍ରା[illegible] ମୋ[illegible] ଉ ନାଶ ଯାଉଛି ଶଙ୍କର ।
ବାବା [illegible] ଗୁହାରି [illegible]ଡୁକେଶ୍ୱର ।
ମୃତ୍ୟୁଞ୍ଜୟଙ୍କୁ ଘାନା ଉଦ୍ଧେ ଠୋର । ୨ ।
ଗୁରୁ ଅର୍ଚ୍ଚ ମୋର ହୋଇଲା ଈଶ୍ୱର ପାଦ ଅଉ ଚଳେ ନାହିଁ ।
ସଦା ସର୍ବଦା ମୁଁ ତୁମ୍ଭ ନାମ ଜପି ଦୁଃଖ ମୋର ଛଳେ ନାହିଁ ।
ଅହେ ଲଡ଼ୁକେଶ୍ୱର ।
ମୋର ଦୁରିତ ନାଶ ଶଙ୍କର । ୩ ।
ଘନକୁ ଚାତକ ଅଶା କଲା ପରି ଚାହିଁ ବସିଛି ତୁମ୍ଭଙ୍କୁ ।
ଘୋର ଏ ବିପତ୍ତି ତାରି ପଶୁପତି ଡାକିବି ଆଉ କାହାକୁ ।
ଅହେ ଲଡ଼ୁକେଶ୍ୱର ।
ବୁଡ଼ି ଯାଉଅଛି ମୋତେ ଧର । ୪ ।
ଉଦ୍ଧାର ହୋଇଛି ପୂର୍ବରୁ କୁଥିତ ନାମ ତବ ଭକ୍ତଙ୍କର ।
ଚାହିଁଲା ମାତ୍ରକେ ଭସ୍ମ କରିପାର ମୋ ଦୁଃଖ କେତେ ମାତର ।
ବାବା ଲଡ଼ୁକେଶ୍ୱର ।
ପ୍ରଭୁ କିପାଇଁ ବିଳମ୍ବ କର । ୫ ।
ଚରାଚର ଜୀବ ଦେବ ପିତୃ ଦେବ ମହାମେରୁ ଅଚ୍ୟୁ ରୁଦ୍ର ।
ସଦାଶିବ ନାମ କିପାଇଁ ବହୁଛ ସୁଦୟା କର ଗୋସାଇଁ ।

ବାବା ଲଡ଼ୁକେଶ୍ୱର ।
ପ୍ରଭୁ ପିଣ୍ଡକୁ କରେ ଅସ୍ଥିର । ୭ ।
ଛନ୍ଦ କର ଅବା ମୋତେ ଲଡ଼ୁ ବାବା ବସିଛ ମଉନ ହୋଇ ।
ହେଳା କଲେ ପ୍ରଭୁ ଭକ୍ତ୍ୟ ନାଶ ଯିବ ନିନ୍ଦା ପାଇବ ଗୋସାଇଁ ।
ବାବା ଲଡ଼ୁକେଶ୍ୱର ।
ଗୃହିଁଦେଲେ ଦୁଃଖ ହେବ ଦୂର । ୭ ।
ଜଗତ ମଧ୍ୟରେ ଖୋଜ ଖୋଜ ମୁହିଁ ପାଇଅଛି ତବ ନାମ ।
ଧବା ନିଶି ବସି ମନ୍ତ୍ର ଜପୁଅଛି ହୋଇ ତାରୁ କର୍ମ ଧାମ ।
ଅହେ ଲଡ଼ୁକେଶ୍ୱର । ୮
ଗରବର ଦୋଷ କ୍ଷମା କର । ୮ । ୯୮
ଘୋର ମଧ୍ୟେ ଯେତେ ଅଗ୍ନି ଲାଗିଥ... ହୁଅଇ ଜୀବ ।
ଛଟପଟ ହୋଇ ଦୁଃଖି ଡାକୁଅଛି ... ହଦାଗିବ ।
ଅହେ ଲଡ଼ୁକେଶ୍ୱର । ଦୟାକର
ଆଉ ବିଳମ୍ବ କିପାଇଁ କର । ୯ ।
ଅକର୍ମୀମାନଙ୍କୁ ଉଦ୍ଧାରିବା ପାଇଁ ବାନା ତବ ଉଡ଼ାଇଛ ।
ମୋର ଦୁଃଖ ଦେଖି ନ ଶୁଣ କାହିଁକି ଶରଣ କୁଟିଳ ରହିଛ ।
ଅହେ ଲଡ଼ୁକେଶ୍ୱର ।
ଗୃହିଁ ଦେଲେ ପାପ ହେବ ଦୂର । ୧୦ ।
ଅହେ ଶୂଳଧାରୀ ଯେବେ ମୋ ଗୁହାରି ହଠ ନ କର ଗୋସାଇଁ ।
ନୋହିଲେ ତ୍ରିଶୂଳ ମାରି ବକ୍ଷସ୍ଥଳ ଛଟପଟ କର ନାହିଁ ।
ଅହେ ଲଡ଼ୁକେଶ୍ୱର ।
ଦୟା ନ କରୁଛ କିପାଁ ହର । ୧୧ ।
ସର୍ବ ଦେବଙ୍କରେ ବଡ଼ଦେବ ବୋଲି ଆଶା କରଇଛି ତୁମ୍ଭଙ୍କୁ ।
ମହା ପାପୀମାନେ ବଡ଼ ତୁମ୍ଭ ସ୍ଥାନେ ଡାକ ଦଅନ୍ତି ପ୍ରଭୁଙ୍କୁ ।
ଅହେ ଲଡ଼ୁକେଶ୍ୱର ।
ଘୋର ଶଙ୍କଟରୁ ରକ୍ଷା କର । ୧୨ ।

ତାଙ୍କ ପଡ଼ିଅଛି ଶରଣ କୂଳରେ ଲଡ଼ୁ ବାବା ବସିଛନ୍ତି ।
ଚକ୍ଷୁହୀନ ଲୋକେ ଚକ୍ଷୁ ପାଉଛନ୍ତି ସାହା ମୋହର ନାହାନ୍ତି ।
ବାବା ଲଡ଼ୁକେଶ୍ୱର ।
ଭଲ ହୋଉ ଅଛନ୍ତି ବଧୀର । ୧୩ ।
ଶୁଣିଅଛି ନୟାଗଡ଼ ମଧ୍ୟେ ବନ୍ଧୁ ଅଧିଅ ପଡ଼ନ୍ତି ।
ଜହ୍ନା ଚେଙ୍କୁ କାଟି ଫୁଟାଇଣ ତଣ୍ଡି ବନ୍ଧୁ କଟାଇ କରନ୍ତି ।
ବାବା ଲଡ଼ୁକେଶ୍ୱର ।
ଦୀନହୀନକୁ ସୁଦୟା କର । ୧୪ ।
ଅଛି କେତେ ଲୋକ ଏପର ସାହସୀ ଅସ୍ତ୍ରକୁ କାଟି ପକାଇ ।
ଶୁଣିଅଛି ପୂର୍ବେ ଗୁହାରିଆମାନେ ଯାଉଛନ୍ତି ଭଲ ହୋଇ ।
ଅହେ ଲଡ଼ୁକେଶ୍ୱର ।
ମହା ପାପୀକୁ ଉଦ୍ଧାର କର । ୧୫ ।
ତୁମ୍ଭର ମହିମା କେ ଜାଣିବ ସୀମା ବ୍ରହ୍ମା ବିଷ୍ଣୁ ସହିତରେ ।
ଓଡ଼ିଶା ମଧ୍ୟରେ ସମସ୍ତେ ଡାକନ୍ତି ଦୟା କର ଦୀନଠାରେ ।
ବାବା ଲଡ଼ୁକେଶ୍ୱର ।
ମହାଦେବ ନାମ ଯେ ତୁମ୍ଭର । ୧୬ ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗାଦି ସମସ୍ତେ ତୋତେ ପୂଜନ୍ତି ।
ନାମ ଅନନ୍ତ ତବ ମୁଁ କିସ ବର୍ଣ୍ଣିବି ବୈଦ୍ୟଭୂଷଣ କାନ୍ତି ।
ବାବା ଲଡ଼ୁକେଶ୍ୱର ।
ଗଳେ ଶୋଭା ପାଏ ନାଗ ହାର । ୧୭ ।
ହେଳଣ ନ କର ଅହେ ଗଙ୍ଗାଧର ତ୍ରିଶୂଳ ଧରିଛ କର ।
ଗୁହାରି ମୋହର ନ ଶୁଣିଲେ ହର ନିନ୍ଦା ହେବ ବାନା ତୋର ।
ଅହେ ଲଡ଼ୁକେଶ୍ୱର ।
ମୋର କାର୍ଯ୍ୟକୁ ହେଲେ ବଧୀର । ୧୮ ।
କିବା କର୍ମହୀନ ମହାପାପୀ ବୋଲି ନ ଶୁଣୁଛ ମହାବାହୁ ।
ଗ୍ରହଣ କାଳରେ ଚନ୍ଦ୍ରକୁ ଯେସନେ ଘୋଟିଯାଏ ଅପି ରାହୁ ।

ଅହେ ଲଡୁକେଶ୍ୱର ।

ସଦା ଜୀବକୁ କରେ ଅସ୍ଥିର । ୧୯ ।

ଭସ୍ମ ହେଲା ପରି ମଦନ ନୃପତି ଚାହିଁବାରୁ କୋପାନଳେ ।

ଦୁଃଖ ପାପ ମୋର ଭସ୍ମ କି ନୁହନ୍ତା ତାକୁ ଅଛୁ ମୁଁ ବକଲେ ।

ଅହେ ଲଡୁକେଶ୍ୱର ।

ଯାହା ମଧ୍ୟରେ ସାର ଜାଗର । ୨୦ ।

ମହା ଯୁଦ୍ଧ କରି ଜଳନ୍ଧର ମାରି ଦେବତାଙ୍କୁ ଉଦ୍ଧରିଲ ।

ମୃତ୍ୟୁଞ୍ଜୟ ନାମ ଅଟଇ ତୁମ୍ଭର ଅନଙ୍ଗକୁ ଭସ୍ମ କଲ ।

ଅହେ ଲଡୁକେଶ୍ୱର ।

ମୋଠିତ ସୁଦୟା ନ କର ହର । ୨୧ ।

ନୟାଗଡ଼ ମଧ୍ୟେ ଶରଣକୂଳରେ ତୁମ୍ଭର ଅଛି ମନ୍ଦିର ।

ଶ୍ମଶାନରେ ଘର ହାଡ଼ାରେ ସୁଅର ଫଣିଙ୍କ ଫୁଫୁକାର ।

ଅହେ ହଟକେଶ୍ୱର ।

ଜଟା ଶୋଭା ପାଏ ମସ୍ତକର । ୨୨ ।

ଆଉ କଷ୍ଟ ମୁହିଁ ସହି ନ ପାରିବି ଜହର ଖାଇ ମରିବି ।

ସଦାଶିବ ତୁମ୍ଭେ ଦୟା ନ କରଲେ ଆଉ କାହା ପାଶେ ଯିବି ।

ଅହେ ଲଡୁକେଶ୍ୱର ।

ମୋଠିତ ହଟ ପ୍ରଭୁ କୃପା କର । ୨୩ ।

ନୟାଗଡ଼ ରାଜ୍ୟ ଇଷ୍ଟଦେବ ରୁଦ୍ର ଶଙ୍କର ଯେମନ ଶଙ୍କରୀ ।

ଆହା କି ସୁନ୍ଦର ବୃକ୍ଷ ମନୋହର ସୁରମ୍ୟସ୍ଥାନ ଉପର ।

ବାବା ଲଡୁକେଶ୍ୱର ।

ବଟେ ବସନ୍ତ କି ମନୋହର । ୨୪ ।

ବସନ୍ତ ବହିଲେ ରାବନ୍ତି କୋକିଲେ କୁହୁକୁହୁ ଧ୍ୱନି କରି ।

ଆହା କି ସୁନ୍ଦର ମନ ମୁଗ୍ଧକର ଚିତ୍ତକୁ ନଅଇ ହରି ।

ବାବା ଲଡୁକେଶ୍ୱର ।

ଫଟା କପାଳ ଅଟେ ମୋହର । ୨୫ ।

ଯେତେ ବାବା ମୁହିଁ ସେବିବ ପାଦରେ ଭେଟିବ ତୋ ପାଶେ ଯାଇଁ ।
ମୋହର ବିପତ୍ତି ନାଶ ହେ ସମ୍ଭୁ ଅଜ ମୋର କେହି ନାହିଁ ।
ବାବା ଲିଙ୍ଗରାଜେଶ୍ବର ।
ମୋତେ ଧର ହେ ପାର୍ବତୀବର । ୨୬ ।
ସର୍ବ ଦେବା ଦେବ ତାଙ୍କୁ ଡାକି ମୁହିଁ ବାଉଳ ପ୍ରାୟ ରହନ୍ତି ।
ତୁମ୍ଭର ନାମକୁ ଶୁଣି ମହାପ୍ରଭୁ ତୋତେ ମୁଁ ଆଶା କରୁଛି ।
ଅହେ ଲିଙ୍ଗରାଜେଶ୍ବର ।
ମହାପାପୀ ମୋ ଦୁର୍ଗତି ହର । ୨୭ ।
ଶିବ ଦୁର୍ଗା ଧାୟି ସେବକ କହଇ ଦୟା କର ସଦାଶିବ ।
ସଂସାର ମଧ୍ୟରେ ମୋହସମ ପାପୀ ନ ଥିବେ ହେ ଦେବଦେବ ।
ଅହେ ଲିଙ୍ଗରାଜେଶ୍ବର ।
ଯାଇଁ ଭେଟିବି ପାଶେ ତୁମ୍ଭର । ୨୮ ।



ଶ୍ରୀରଘୁନାଥଙ୍କ ଜଣାଣ ।

କର୍ମହୀନ ଜନ କରଇ ନିବେଦନ ଶ୍ରୀରଘୁନାଥଙ୍କୁ ଗୁହାରି ।
କଉଶଲ୍ୟା ସୁତ ବିନା ମୋ ଆରତ ଫେଡ଼ିବାକୁ କେହି ନାହିଁ ହେ ।
କାଣ୍ଡ କୋଦଣ୍ଡ ଧାରଣ ।
କରଯୋଡ଼ି କରଇ ଜଣାଣ ହେ । ୧ ।
ଛିଡ଼ସୁତାପତି ଏଡ଼େକ ବିପତ୍ତି ହେଲି ସ୍ଥାନଚ୍ୟୁତ ପରେ ।
ଖ୍ୟାତ ହୋଇଅଛି ପ୍ରଭୁଙ୍କ ମହିମା କି ପାଁ ବ୍ରହ୍ମାଣ୍ଡ ମଧ୍ୟରେ ହେ ।
ଷଣେ ନ ଶୁଣ ଗୁହାରି ।
ଖଣ୍ଡ ପଣ ଅବା ଅଛ କରି ହେ । ୨ ।
ଗଉତମ ନାରୀ ଅହଲ୍ୟା ସୁନ୍ଦରୀ ପାଷାଣୁ ମୁକତ କଲ ।
ଗରିବ ଗୁହାରି ଅହେ ଗୁପଧାରି ନ ଶୁଣି ବଧିର ହେଲ ହେ ।

ଅହେ ଗରବଗଞ୍ଜନ ।
ଗୁରୁ ହେଲ୍ଲ ମୋ ବପଦ ଜାଣ ହେ । ୩ ।
ଘୋର ବନସ୍ତରୁ ସେ ମହାଦୁସ୍ତରୁ ରକ୍ଷା କଲ ହରଣୀକ ।
ଘଡ଼ଏ ମୋ ଦୁଃଖ ଅହେ ପଦ୍ମମୁଖ ହରଲ ନାହିଁ କାହିଁକ ହେ ।
ଘଟିଗଲ୍ଲ ମୋ ଦୁର୍ଦ୍ଦଶା ।
ଘନବରନଙ୍କୁ କର ଅଶା ହେ । ୪ ।
ନାହିଁ ଅନ୍ୟଗଛ ଶ୍ୟାମଳ ମୂରତ ତବ ପାଦପଦ୍ମ ବନେ ।
ନ ଶୁଣ ଆରତ ଅହେ ରଘୁନାଥ ଅବା କ ହରୁବ ମଦନ ହେ ।
ନଷ୍ଟେ ଦାସ ନାଶ ଗଲେ ।
ନନ୍ଦା କାହାକୁଟି ହେବ ଭଲେ ହେ । ୫ ।
ଚରଣ ଯାହାର ଲାଗନ୍ତେ ପାଷାଣ ଅହଲ୍ୟା ହେଲ୍ଲ ମୁକତ ।
ଚଉଦଭୁବନେ ବାନା ଉଡ଼ାଇଛ ଅହେ ପ୍ରଭୁ ରଘୁନାଥ ହେ ।
ଚଟଓ ବୃଝ ମୋ ଗୁହାର ।
ଗୃପଧାସ୍ତି ପାପକ୍ଷୟକାରୀ ହେ । ୬ ।
ଛାଡ଼ି ସବୁ ଅଶା ତୁମ୍ଭଙ୍କୁ ଭରସା କରିଛି ନଶି ଦନ ହେ ।
ଛଉ କର୍ମକ୍ ହେଲ ପ୍ରଭୁ ଡାକଲେ ନ ଶୁଣ ବାଟରେ ହେ ।
ଛଂକର ଦାସ ଠାଇଁ ।
ଗ୍ରାମ୍ୟାପଥ ବଂଶେ ଜାତ ହୋଇ ହେ । ୭ ।
ଜଗତ ମଧ୍ୟରେ ଭକତବତ୍ସଳ ବୋଲାଅ ପଙ୍କଜମୁଖ ।
ଜାନକୀଗ କଲେଶ ମାଁନେହତ ମୋହର ନବାରଲ ନାହିଁ ଦୁଃଖ ହେ ।
ଯେବେ ଦାସ ନାଶ ଯିବ ।
ଯଶ ପ୍ରଭୁଙ୍କର କି ରହବ ହେ । ୮ ।
ଝଟତ ବପତ୍ତି ହର ରଘୁପତ କାହିଁ କେ ଅଉ ଭରସା ।
ଝଗଡ଼ ହେଉଛି ବପଦାର୍ଣ୍ଣବରେ ତୁମ୍ଭ ପାଦେ କର ଅଶା ହେ ।
ଝାଡ଼ବନେ ମୃଗୁଣୀକ ।
ଝିମିଟକେ ରଖିଥିଲ ଟିକ ହେ । ୯ ।

ନବଦୁର୍ବାଦଳ ଶ୍ୟାମଳ ମୂରତି ଅପକାନ୍ତି ଅଜ ଯିବ ।
ନବଦୁର୍ଗ ଓଡ଼ଗ୍ରାମକୂଟଳ ଅଜ କାହିଁପାଇଁ ଥକା ଯିବ ହେ ।
ନ ଶୁଣୁଛତ ଅରତ ।
ନାମ କହାଁ ହୋଇଛ ବିଖ୍ୟାତ ହେ । ୧୦ ।
ଚକ୍ରଧର ଯାହା ନାମ ଅଶେ କହ ହେଲେ ମହାଯୋଗୀଚୂଡ଼ ।
ଚାଳିଦେଲେ ସେହ ପ୍ରଭୁ ଅଜ କାହା ନାମକୁ ଜପିବେ ମୂଢ଼ ହେ ।
ଚାଣ କରନ୍ତି ନରଟେ ।
ଚଳିଯିବ କି ମହମା ସତେ ହେ । ୧୧ ।
ଠାବ ନ ମିଳୁଛି ଠାବ କେ ପଡ଼ିଛି ଠାକୁରତ ନ ରଖିଲ ।
ଠକଦେବ ବୋଲି ଜାଣିତ ନ ଥିଲି କେଉଁ ବେଳ ଦୁଃଖ ଦେଲ ହେ ।
ଠଣ ପଙ୍କଜ ପଦ୍ମର ।
ଠିକେ ବେଣୁ ଯୋଡ଼ଅଛି କର ହେ । ୧୨ ।
ଡେଉ କଣ୍ଠି ପଥ ପ୍ରଭୁ ରଘୁନାଥ ଶୁଣ ମୋହର ଗୁହାରି ।
ଡାକକୁ ମୋହର ହେଲକି ବଧୀର ଶ୍ରୀପତି ସ୍ୱଜନଧାର ହେ ।
ଡୋଟଳ ମୋ ବିପତ୍ତି ଦେଖି ।
ଡରଲ କି ହେ ପଙ୍କଜଅକ୍ଷି ।
ଢୋକର ଗରଳ ଦଶରଥ ବାଳ ନ ରଖିଦ ଦୀନାବନ୍ଧୁ ଅଜ ।
ଢକା ବାଜବ ଏ ବ୍ରହ୍ମାଣ୍ଡ ମଧ୍ୟରେ ତୁମ୍ଭର ମହମା ଆଜ ହେ ।
ଢମ ପଣ ନାଶ ମୋର ।
ଢାଳେ ତୁମ୍ଭ ବିନା ନାହିଁ ମୋର ହେ । ୧୪ ।
ଅହେ ରାମଚନ୍ଦ୍ର ଅଯୋଧ୍ୟାନରେନ୍ଦ୍ର ଅହେ ବିପଦଭଞ୍ଜନ ।
ଅତି ଅରକ୍ଷିତ ଜନକୁ ଅପେକ୍ଷିତ ନ କରୁଛ କି କାରଣ ହେ ।
ଅଣ୍ଡା କରଛି ତୁମ୍ଭଙ୍କୁ ।
ଅଜ କିଏ ଅଛି ରଖିବାକୁ ହେ । ୧୫ ।
ତୁମ୍ଭର ବାହାରେ କେ ଅଛି ସଂସାରେ କହିବଅ ବାରେ ମୋତେ ।
ତରିବାକୁ ରାମନାମ ନାବ ବିନା ଅନ୍ୟ କେ ସାହା ଜଗତେ ହେ ।

ତେଣୁ କରୁଛୁ ଭରସା ।
ତାରକ କ ନାହିଁ ତୁଟି ଆଶା ହେ । ୧୬ ।
ଥୟ ନୁହେଁ ମନ ଅହେ ରଘୁନାଥ ଥରୁଅଛି ମୋ ହୃଦୟ ।
ଅବ ଗଲଣି ମୁଁ ଡାକି ଡାକି କରି କେବେ ନୋହିଲ ସଦୟ ହେ ।
ସ୍ତମ୍ଭୀଭୂତେ ରହିଅଛି ।
ସ୍ଥାନ କାହିଁ ମୋତେ ନ ମିଳୁଛି ହେ । ୧୭ ।
ଦଶରଥସୁତ ହେଉ ହେ ଅବଗତ ଦୁଃଖ ହେଉଅଛି ଭାରି ।
ଦାଶରଥି ନାମ ମିଛେ ବହିଅଛ ଦାସକୁ ରକ୍ଷା ନ କର ହେ ।
ଦଣ୍ଡୁଛ କିପାଇଁ ଏତେ ।
ଦୋଷ ଥିଲେ ନାଶ ତୋଷଚିତ୍ତେ ହେ । ୧୮ ।
ଧନ୍ଦି ହେଉଅଛି ବନ୍ଧନରେ ରହିଲା ପରି ସଦାଦିନେ ମୁହିଁ ।
ଧ୍ୟାନ କରୁ ଅଛି କେବଳ ପ୍ରଭୁଙ୍କୁ ଏ କଷ୍ଟୁ ତରିବା ପାଇଁ ହେ ।
ଧନୁର୍ଦ୍ଧର ହେ ରାଘବ ।
ଧରୁଛି ସିନା କଷ୍ଟେ ଜୀବ ହେ । ୧୯ ।
ନିସ୍ତାରୁଛ କେତେ ସଙ୍କଟୁ କାହାକୁ ନିର୍ଦ୍ଧନକୁ ଧନ ଦେଇ ।
ନରଲୋକେ ତୁମ୍ଭ ନାମ ଘୋଷୁ ଘୋଷୁ ଖ୍ୟାତି ହେଲା ବଢ଼ାଇ ହେ ।
ନଳିନାକ୍ଷ ସାହାପକ୍ଷ ।
ନ ହୋଇଲେ ହେଲଟି ଅରକ୍ଷ ହେ । ୨୦ ।
ପଶୁଛି ଶରଣ ଅହେ ରଘୁବଂଶ ପାରିକର ବିପତ୍ତିରୁ ।
ପ୍ରଭୁ ହୋଇ ଯେବେ ଭୃତ୍ୟ ନ ରଖିଲ ଜାଣି ନ ଥିଲି ଆଗରୁ ।
ପସନ୍ନ ହେଲ କି ଏବେ ।
ପେଲି ଦେଉଛ ବିପଦାର୍ଣ୍ଣବେ ହେ । ୨୧ ।
ଫରଫର ବାନା ଉଡ଼ାଇଲ ସିନା ମହିମା ଜଣା ନ ଗଲା ।
ଫଟ୍ଟା କପାଳକୁ ଅବା ମୋହର ଡାକ କର୍ଣ୍ଣେ ନ ଶୁଭିଲା ହେ ।
ଫୁଟି ଜାଳୁଅଛି ପେଟେ ।
ଫେଡ କହିବ ପ୍ରଭୁଙ୍କୁ କେବେ ହେ । ୨୨ ।

ବନ୍ଧୁ ପ୍ରଭୁ ବୋଲି ଆଶା କରିଥିଲି ବହୁତ ଦିନରୁ ମୁହିଁ ।
ବିପତ୍ତି ଉପରେ ବିପତ୍ତି ଦେବାକୁ ଜାଣିଲି ମହିମା ନାହିଁ ହେ ।
ବିଶେଷେ ରଘୁନାଥଙ୍କର ।
ବଧି ଦାସ କି ହେଲ ବଧିର ହେ । ୧୩ ।

ଭରସା ମୋହର ତୁଟିଲା ଏଥର ଭ୍ରାନ୍ତି ଯେଣୁ ଜନ୍ମାଇଲ ।
ଭୁଜ ଦୁଇ ପ୍ରଭୁ କପାଁ ଲମ୍ବାଇଛ ଭୃତ୍ୟକୁତ ନ ରଖିଲ ହେ ।
ଭେଳା ବୁଡ଼ିବ ଏଥର ।
ଭବଜଳୁ କେଣୁ ଉଦ୍ଧରିବ ହେ । ୧୪ ।

ମହାଘୋର ବିପଦାର୍ଣ୍ଣବେ ଭାସୁଛି ମହାପ୍ରଭୁ ଅଶେଷ କର ।
ମାରିବା ତାରିବା ଦ୍ୱିକଥା ଥିବାରୁ ମୁହିଁ ମରୁଅଛି ଡରି ହେ ।
ମାରିବକି ଉଦ୍ଧାରିବ ।
ମୋ ହୃଦଭିକି ବା ନ ପାରିବ ହେ । ୧୫ ।

ଯଟିବାରିଦାସ ଚଉଦ ବରଷ ହୋଇଥିଲ ଜଟାଧାରୀ ।
ନଟୁଛି କି ଏବେ କହ ପ୍ରଭୁ ତେବେ ଜାଣିବ କୋଦଣ୍ଡଧାରୀ ହେ ।
ଯୋଗୀ ଜପିଟିବ କିପାଇଁ ।
ଯେବେ ପ୍ରଭୁଙ୍କ କରୁଣ ନାହିଁ ହେ । ୧୬ ।

ରାମ ନାମ ଏକା ସଂସାରକୁ ସାର ବୋଲି କହୁଥାନ୍ତି ଜନେ ।
ରାଜୀବନେତ୍ରଙ୍କ ମହିମା ଜାଣିଲି ନାହିଁତ ନିମିଷେ କ୍ଷଣେ ହେ ।
ରଘୁନାଥ ମିଛେ ଯିନା ।
ରଦିବ ପଣ ନ ଗଲା ଜଣା ହେ । ୧୭ ।

ଲକ୍ଷ ଲକ୍ଷ ଲୋକ ମୁଖରୁ ଶୁଣୁଛି ରଘୁନାଥ ତାରୁଛନ୍ତି ।
ଲେଶମାତ୍ରେ ମୋର ବିପତ୍ତି ନ ଗଲା ପ୍ରଭୁ ରଘୁକୁଳପତି ହେ ।
ଲାବଣ୍ୟରୂପକୁ ବନ୍ଦ ।
ଲକ୍ଷ କୋଟିରେ ବାନା ଉଡ଼ାଅ ବନ୍ଦ । ୧୮ ।

ବାର ଦୁଇ ପୁରେ ତୁମ୍ଭର ନାମରେ ଉଠୁ ଅପକୀର୍ତ୍ତି ବାର୍ତ୍ତା ।
ଜନ୍ମଅଛ ସିନା ଏଡ଼େ ବଡ଼ ନାମ ଟିକିଏ ନାହିଁ କରୁଣା ହେ ।
ବୃଥାରେ ରଘୁନନ୍ଦନ ।
ବନ୍ଧୁ ଲୋକ କରନ୍ତି ବନ୍ଦନ ହେ । ୨୯ ।

ଚରଣ ଜନରେ ମରଣ ପଦକୁ ଯାଚି ଦେଉଛ କପଟ ।
ଶତପତ୍ର ନେତ୍ର ନ ଶୁଣି ଅରତ ବିପତ୍ତି ଦେଉଛ ଭାର ହେ ।
ଶ୍ରୀକରେ କୋଦଣ୍ଡଧାରୀ ।
ସତେ ଶୁଣୁଛ କି ଗୁହାରି ହେ । ୩୦ ।

ସୁରକଣ୍ଟେ ଜନ୍ମି ଅସୁର ନାଶିଲ ସୀତା ନେବାରୁ ରାବଣ ।
ସହାରିବାକୁ ତ ଏଡ଼େ ଶୀରପଣ ଦୁଃଖ ନ କର ହରଣ ହେ ।
ସୀତାପତି ରଘୁନାଥ ।
ସାଧୁ ଧନେ ମୁଁ ପ୍ରଭୁଙ୍କ ଭୃତ୍ୟ ହେ । ୩୧ ।

ସନକାଦି ମୁନି ଯା ମହିମା ଲେଖେ ନ ପାଇଲେ ଜପି ଜପି ।
ସେହି ପ୍ରଭୁଙ୍କୁ ମୁଁ ଅଶ୍ରେ କରଅଛି ବହୁତ ଧନର ପାପୀ ହେ ।
ସାଧୁ ଏକା ରଘୁନାଥ ।
ସଦାଧନେ ମୁଁ ପ୍ରଭୁଙ୍କ ଭୃତ୍ୟ ହେ । ୩୨ ।

ହର ମୋ ଦୁର୍ଗତ ପ୍ରଭୁ ରଘୁନାଥ ହରଣୀ ଡାକଲି ପ୍ରାପ୍ତ ।
ହୃଦେ ତୁମ୍ଭ ନାମ କରଅଛି ଦାମ ଏଣୁ କିଛି ନାହିଁ ଭୟ ହେ ।
ହସ୍ତଯୋଡ଼ି ମୋ ବିପତ୍ତି ।
ହେଉ ଏହି ଆଜ୍ଞା ରଘୁପତି ହେ । ୩୩ ।

କ୍ଷିତିରେ ମୋ ପରି ନାହିଁ ଶ୍ରୀଅଯୋଧ୍ୟା ଅରକ୍ଷିତ ଜନ ଜଣେ ।
ଖଳ ନିବାରଣ ଜାନକୀରମଣ ଖଣ୍ଡ ଅଛି ଶ୍ରୀଚରଣେ ହେ ।
କ୍ଷମାକର ତୁମାର ଦେ.ଷ ।
କ୍ଷମେ ବେଣୁଧର ତୁମ୍ଭ ଦାସ ହେ । ୩୪ ।

ସ ମା ପ୍ତ ।

କଟକ ଲକ୍ଷ୍ମୀନାରାୟଣ ପ୍ରେସରେ ଶେଖ୍ ନଜର ମୋହମ୍ମଦଙ୍କ ଦ୍ୱାରା
ମୁଦ୍ରିତ । ସନ ୧୯୩୦—୧୦୦୦ ପୁସ୍ତକ